## ସଂକ୍ଷେପରେ

### ୧ରୁ ଭୋଗରାଇ ଉତ୍ସବ

ଭୋଗରାଇ, ୩୦।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇର ମୁଖ୍ୟସ୍ଥଳ ଥାନାଛକ ହେଲିପ୍ୟାଡ଼ ପଡ଼ିଆରେ ବହୁ ପ୍ରତୀକ୍ଷିତ ଭୋଗରାଇ ଉତ୍ସବ ୨୦୨୦ ନୂଆବର୍ଷରୁ ଶୁଭାରମ୍ଭ ହେଉଛି। ଏଥିନିମନ୍ତେ ଉତ୍ସବ କମିଟି ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜାନୁୟାରୀ ୧ରୁ ଏହି ଉତ୍ସବ ୮ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉତ୍ସବ ମଞ୍ଚ ସହ ଥାନା ଛକ ପ୍ରବେଶ ପଥରେ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ନୂତନବର୍ଷରେ ଉତ୍ସବ ମଞ୍ଚ କୋଣାର୍କ ମନ୍ଦିର ଢ଼ାଞ୍ଚାରେ ନିର୍ମିତ ହେଉଥିବାରୁ ଭୁବନେଶ୍ୱରର ଖ୍ୟାତନାମା କାରିଗରମାନେ ଦିବାରାତ୍ର କାର୍ଯ୍ୟ କରିଚାଲିଛନ୍ତି। ୮ ଦିନ ଧରି ଏହି ଉତ୍ସବକୁ ସରସ ସୁନ୍ଦର କରିବା ନିମନ୍ତେ ବିଭିନ୍ନ ଷ୍ଟଲ ଖୋଲାଯାଇଛି। ଏହି ଉତ୍ସବରେ ଓଡ଼ିଶାର ଖ୍ୟାତନାମା ସାହିତ୍ୟିକ, ପ୍ରାବନ୍ଧିକ, କବି, ରାଜନୈତିକ ନେତା, ସ୍ତମ୍ଭକାର, କଳାକାର, କଣ୍ଠଶିଳ୍ପୀ, ନୃତ୍ୟାଙ୍ଗନାମାନେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଭୋଗରାଇ ଉତ୍ସବକୁ ସଫଳ କରିବା ନିମନ୍ତେ ଉତ୍ସବ କମିଟି ସଭାପତି ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

ମା' ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟ

### ପ୍ରଥମ ୨ ସେମିରେ ସୋର ଓ କୁପାରୀ ବିଜୟୀ

ଖଇରା, ୩୦।୧୨(ଡି.ଏନ.ଏ.)-ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁର ଖେଳ ପଡିଆଠାରେ ଚାଲିଥିବା ମା' ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ସେମିଫାଇନାରେ ସୋରର ବ୍ଲେଣ୍ଡର ସ୍ୱାଇଟ ଔପଦା ୟଙ୍ଗଷ୍ଟାରକୁ ୬ ଉଇକେଟରେ ପରାସ୍ତ କରିଥିଲା। ସେହିଭଳି ୨ୟ ସେମିଫାଇନାଲରେ କୁପାରୀର ବ୍ଲାକକୋବ୍ରା ତୁଡିଗଡିଆ ଏମବିସିକୁ ୪୭ ରନରେ ପରାସ୍ତ କରିଥିଲା। ରାଜେନ୍ଦ୍ର ସେଠୀ ଓ ତାପସ ମୁଦୁଲି ମ୍ୟାଚ ପରିଚାଳନା କରିଥିଲେ । ୧ତାରିଖ ନୂଆବର୍ଷରେ ସୋର ଓ କୁପାରୀ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

କନକଦୁର୍ଗା ଟି-ଟ୍ୱେଣ୍ଟି

### ଡଗରପଡା ଏକାଦଶ ଚାମ୍ପିୟନ

ଖଇରା, ୩୦।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ବଡନୁଆଗାଁ ପଞ୍ଚାୟତ ଅଧୀନ ପିଆଣଗଡିଆ ଖେଳ ପଡିଆରେ ଚାଲିଥିବା କନକଦୁର୍ଗା ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଡଗରପଡା ଏକାଦଶ ଏବଂ ଅମାରଗଡିଆ ଏକାଦଶ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଡଗରପଡା ଟସ୍ ଜିତି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା । ଜବାବରେ ୧୬ ଓଭରରେ ଅମାରଗଡିଆର ସମସ୍ତ ଉଇକେଟ ପତନ ଯୋଗୁ ସ୍କୋର ୮୪ ରନ୍‌ରେ ସୀମିତ ହୋଇଯାଇଥିଲା। ସୌମ୍ୟ ଶାଶ୍ୱତ ଓ ଆଲୋକ ପରିଡା ମ୍ୟାଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସୁଦର୍ଶନ ଦଳେଇ ଓ ସମ୍ମାନନୀୟ ଅତିଥି ଭାବେ ରମେଶ କୁମାର ପାଢୀ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ । ଉମାକାନ୍ତ ପରିଡା ଧାରା ବିବରଣୀ ପ୍ରଦାନ କରିଥିଲେ।

# ସ୍ଥାୟୀ ପଟ୍ଟା ଦାବିରେ ବସ୍ତିବାସିନ୍ଦାଙ୍କ ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାଲେଶ୍ୱର ଅଫିସ, ୩୦।୧୨

ସ୍ଥାୟୀ ପଟ୍ଟା ଦାବିରେ ବାଲେଶ୍ୱର ଜିଲା ବସ୍ତିବାସିନ୍ଦା ସଂଘ ପକ୍ଷରୁ ପୌରାଞ୍ଚଳ ଓ ସହର ସଂଲଗ୍ନ ପଞ୍ଚାୟତର ଶତାଧିକ ବସ୍ତିବାସିନ୍ଦା ସୋମବାର ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ରେଳଷ୍ଟେଶନରୁ ବାହାରି ଜିଲାପାଳଙ୍କ ଫାଟକ ନିକଟରେ ପହଞ୍ଚିଥିଲା। ଏହାପରେ ବସ୍ତିବାସିନ୍ଦା ଜିଲାପାଳଙ୍କ ଅଫିସ୍ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର ସଭାପତି ବେଣୁଧର ବାରିକ ଏହାର ନେତୃତ୍ୱ ନେଇ ଦୀର୍ଘବର୍ଷ ଧରି ସରକାରୀ ଜମିରେ ବାସ କରିଆସୁଥିବା ପରିବାରଙ୍କୁ ବାସସ୍ଥାନର ପଟ୍ଟା ଓ ରାସ୍ତା, ଲାଇଟ୍, ପିଇବାପାଣି ଯୋଗାଇ ଦେବାକୁ ଦାବି କରିଥିଲେ। ଆନ୍ଦୋଳନକାରୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନକୁ ଜିଲାରେ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ କରିଥିଲେ। ସଂଘର ପ୍ରତିନିଧି ମଣ୍ଡଳଙ୍କ ଦ୍ୱାରା ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଭାଗବତ ପ୍ରତିହାରୀ, ଆଇନଜୀବୀ ପଞ୍ଚାନନ ପରିଡ଼ା, ରବୀନ୍ଦ୍ର ବେହେରା ଓ ସେକ୍ ସଫିକ୍ ଅହମ୍ମଦ ପ୍ରମୁଖ ଅଭିଯୋଗ କରିଥିଲେ ଯେ, ସଦର ତହସିଲଦାର ଭୂମିହୀନମାନଙ୍କଠାରୁ ଆବେଦନପତ୍ର ଗ୍ରହଣ କରୁନାହାନ୍ତି। ଆଇଟିଆଇ ପଛପଟରେ ଥିବା ଅଙ୍ଗାରଗଡ଼ିଆ ମୌଜାର ବସ୍ତିବାସିନ୍ଦାମାନେ ଦୀର୍ଘ ୫୦ବର୍ଷ ଧରି ଯାତାୟତ କରୁଥିବା ରାସ୍ତାକୁ ଗତ ଅଗଷ୍ଟରେ ତହସିଲଦାର ପୋଲିସର ସହାୟତାରେ କଂକ୍ରିଟ୍ ପ୍ରାଚୀର ନିର୍ମାଣ କରିଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ଶୋଭାଯାତ୍ରା ଓ ବିକ୍ଷୋଭରେ ଅନୁରାଗ ମହାନ୍ତି, ସବିତା ଜେନା, ବିଦ୍ୟାଧର ବେହେରା, ଭାନୁମତି ନାୟକ, ଦେବକି ଦାସ ଓ ରମେଶଚନ୍ଦ୍ର ପତି ପ୍ରମୁଖ ନେତୃତ୍ୱ ନେଇଥିଲେ।



ବସ୍ତିବାସିନ୍ଦା ସଂଘ ପକ୍ଷରୁ ଜିଲାପାଳ ଅଫିସ୍ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ।

### ବଢ଼ିଲା ଶୀତ, ଜନଜୀବନ ଅସ୍ତବ୍ୟସ୍ତ

ବସ୍ତା, ୩୦।୧୨ (ସ୍ୱ.ପ୍ର.)- ବାଲେଶ୍ୱରରେ ଗତ ଦୁଇଦିନ ଧରି ଝିପିଝିପି ବର୍ଷା ଓ କୋହଲା ପାଗ ଲାଗି ରହିବା ପରେ ଶୀତର ମାତ୍ରା ବଢ଼ିଛି। ଅନେକ ଜମିରେ ପାଣି ଜମି ରହିଥିବା ଯୋଗୁ ଧାନ ଅମଳ କରିବାରେ ଅସୁବିଧା ହେଉଛି। ଜମିରେ ଆର୍ଦ୍ରତା ଯୋଗୁ ମେଶିନ ସହାୟତାରେ ଧାନ ଅମଳ ହୋଇପାରୁନାହିଁ। ପାଚିଲା ଧାନ ଅମଳରେ ବିଳମ୍ବ ହେବା ନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ଶୀତର ମାତ୍ରା ଧୀରେ ଧୀରେ ବୃଦ୍ଧି ପାଉଥିବା ଯୋଗୁ ଦିନରେ ମଧ୍ୟ ଲୋକେ ନିଆଁ ପୋଉଁଥିବା ଦେଖିବାକୁ ମିଳୁଛି। ସନ୍ଧ୍ୟା ହେବା କ୍ଷଣି ରାସ୍ତାଘାଟ, ବଜାର ଶୂନଶାନ ହୋଇଯାଉଛି ।

ଶୀତକାଳୀନ ସେବା ଶିବିର

### ସେବା, ତ୍ୟାଗ ଜୀବନରେ ସଫଳତା ଆଣେ

ରୂପ୍‌ସା, ୩୦।୧୨(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ଶାନ୍ତିଲତା ମହାବିଦ୍ୟାଳୟ, ଉଇଟିକିରି ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭ଦିନ ବ୍ୟାପୀ ଅନୁଷ୍ଠିତ ବାଳକ ବିଭାଗ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଗୋବିନ୍ଦ ଚନ୍ଦ୍ର ମାଝି ଅଧ୍ୟକ୍ଷତା କରି ଶିବିରାର୍ଥୀମାନଙ୍କୁ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ସଫଳ ରୂପାୟନ ଦିଗରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟଅତିଥି ଭାବେ ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟ ବାରିପଦା ଜାତୀୟ ସେବା ଯୋଜନା ମୁଖ୍ୟ ସଂଯୋଜକ ଡ. ସ୍ମୃତିରଞ୍ଜନ ଦାସ ଯୋଗଦେଇ ସେବା ଓ ତ୍ୟାଗ ହିଁ ଛାତ୍ରୀଛାତ୍ରଙ୍କ ଜୀବନରେ ସଫଳତା ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରାକ୍ତନ ସିଆର୍‌ସିସି ଗୋକୁଳାନନ୍ଦ ବାରିକ, ପରିଚାଳନା ସମିତି ସଦସ୍ୟ ଉମାକାନ୍ତ ପ୍ରଧାନ, ପ୍ରୋଗ୍ରାମ ଅଫିସର ସପନ କୁମାର ମହାପାତ୍ର ଓ ଅଧ୍ୟାପକ ମାନସ କୁମାର ଦତ୍ତ ପ୍ରମୁଖ ମଞ୍ଚାସୀନ ହୋଇ ଶିବିରାର୍ଥୀଙ୍କୁ ନୈତିକ ଶିକ୍ଷା ଓ ସେବା ଦ୍ୱାରା କିଭଳି ଜୀବନ ଗୌରବମୟ ହୁଏ ସେ ଦିଗରେ ଦିଗ୍‌ଦର୍ଶନ ଦେଇଥିଲେ। ଶିବିରାର୍ଥୀମାନେ ଅଧିକୃତ ଗ୍ରାମ ଶ୍ରୀରାମପୁର ଓ ଉଇଟିକିରିରେ ନିଶା ନିବାରଣ ଅଭିଯାନ, ସ୍ୱଚ୍ଛ ଭାରତ ଅଭିଯାନ, ଏଡ଼ସ୍‌ମୁକ୍ତ ବିଶ୍ୱ, ସଡ଼କ ସୁରକ୍ଷା ଦିଗରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଶିବିରାର୍ଥୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସପନ କୁମାର ମହାପାତ୍ର ଓ ଅଧ୍ୟାପକ ମାନସ କୁମାର ଦତ୍ତ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଅଧ୍ୟକ୍ଷ ମାଝି ଗତ ୨୪ତାରିଖରେ ଉଦ୍‌ଘାଟନ କରିଥିଲେ।

## ଗୋଲକ ନାରାୟଣ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ବସ୍ତା, ୩୦।୧୨(ସ୍ୱ.ପ୍ର.)

ବସ୍ତା ବ୍ଲକ ଇଡ଼ିଦା ଗ୍ରାମସ୍ଥିତ ଇଡିଦା ଗୋଲକ ନାରାୟଣ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଏହି ଉତ୍ସବକୁ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମଧୁମିତା ଦାସ, ମୁଖ୍ୟବକ୍ତା ଭାବେ ସତ୍ୟଶିବ ଦାସ ବକ୍ତବ୍ୟ ଦେଇଥିଲେ।

ଉଦ୍‌ଯାପନୀ ସଭାରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ ଦେ ମୁଖ୍ୟବକ୍ତା, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ବୀରେନ୍ଦ୍ର ନାରାୟଣ ପ୍ରହରାଜ ସମ୍ମାନନୀୟ ଅତିଥି ଭାବେ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନଶିକ୍ଷକ ଚୈତନ୍ୟ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଧର ପରିଡ଼ା ପରିଚୟ ପ୍ରଦାନ, ପୂର୍ବତନ ସରପଞ୍ଚ ହରଗୋପାଳ ସିଂହ ସ୍ୱାଗତ ଭାଷଣ ଓ ଗଣେଶ ନାରାୟଣ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଅଜୟ କୁମାର ଦାସ, ବିକାଶ ସିଂହ ଓ ସତ୍ୟନାରାୟଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଇଡ଼ିଦା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

■ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

## ୧୫୦ରୁ ଊର୍ଦ୍ଧ୍ୱ ଅଭିଯୋଗର ଶୁଣାଣି

ଔପଦା, ୩୦।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ପରିସର ସଭାଗୃହରେ ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଏସ୍‌ପି ବି. ଯୁଗଳ କିଶୋରଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣିରେ ୧୫୦ରୁ ଊର୍ଦ୍ଧ୍ୱ ଅଭିଯୋଗର ଶୁଣାଣି ହୋଇଥିଲା।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସୋମବାର ପୂର୍ବାହ୍ନ ୧୧ଟାରେ ଏହି ମିଳିତ ଜନଶୁଣାଣି ଆରମ୍ଭ ହୋଇଥିଲା। ଜିଲାପାଳ ଓ ଏସ୍‌ପିଙ୍କ ସମେତ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ଏସ୍‌ଡ଼ିପିଓ ଅମୂଲ୍ୟ କୁମାର ଧର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଔପଦା ବିଡ଼ିଓ ପିତାମ୍ବର ଭୋଇଙ୍କ ସମେତ ଜିଲାର ପ୍ରାୟ ସବୁ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଔପଦାରେ କୋର୍ଟ ପ୍ରତିଷ୍ଠା ପାଇଁ ବ୍ଲକର ପୁରୁଣା ପକ୍କାଘରକୁ ତୁରନ୍ତ ହସ୍ତାନ୍ତର କରିବାକୁ ହୋଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଆଇନଜୀବୀ ଅଜୟ ପଟ୍ଟନାୟକ, ଚନ୍ଦନ ନାୟକ ଓ ଅନନ୍ତ ପ୍ରସାଦ ପଣ୍ଡା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଆଦର୍ଶ ବିଦ୍ୟାଳୟ ପକ୍କା ଘର ଓ ଜମି ବିବାଦକୁ ନେଇ ଆସିଥିବା ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ଫତେପୁର ପଞ୍ଚାୟତରେ ବେଆଇନ ଭାବେ କୁକୁଡ଼ା ଫାର୍ମ ପରିସରରେ ମଦ ବ୍ୟବସାୟ ଚାଲିଥିବା ଅଭିଯୋଗ ହୋଇଥିଲା। ଶୁଣାଣି ପରେ ଜିଲାପାଳ, ଏସ୍‌ପି, ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକ, ଏସ୍‌ଡ଼ିପିଓ ଓ ଔପଦା ଆଇଆଇସି ସୁଜାତା ଖମାରି ସଦଳବଳେ ଫାର୍ମ ପରିସରରେ ପହଞ୍ଚି କୁଟାଗଦା ମଧ୍ୟରେ ଲୁଚାଇ ରଖାଯାଇଥିବା ପ୍ରାୟ ୫୦ଟି ବୋତଲରେ ଥିବା ୬୫ଲିଟର ବିଦେଶୀ ମଦ ଜବତ କରାଯିବା ସହ ଅଭିଯୁକ୍ତ ମନମୋହନ କରଙ୍କୁ ଗିରଫ କରାଯାଇଛି।



ମିଳିତ ଜନଶୁଣାଣିରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

■କୁକୁଡ଼ା ଫାର୍ମରେ ମଦ ବ୍ୟବସାୟ ଚାଲିଥିବା ଅଭିଯୋଗ
■ଚଢ଼ାଉ କଲେ ଜିଲାପାଳ, ଏସ୍‌ପି
■ଫାର୍ମରୁ ଜବତ ହେଲା ବିଦେଶୀ ମଦ, ଅଭିଯୁକ୍ତ ଗିରଫ

# ସମାଜ କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ

ଜଳେଶ୍ୱର,୩୦।୧୨(ଡି.ଏନ.ଏ.)

ଜଳେଶ୍ୱରସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶୀତକାଳୀନ ସ୍ୱତନ୍ତ୍ର ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ସେବା ଯୋଜନା ନିଜର ସ୍ୱେଚ୍ଛାସେବୀମାନଙ୍କୁ ସମାଜ ପ୍ରତି ସେବା ଭାବନା ଜାତ କରିବା ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କରିଛି ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଘୋଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବକ୍ତାମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟଅତିଥି ଭାବେ ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟର ଯୋଜନା ସମନ୍ୱୟକାରୀ ପ୍ରାଧ୍ୟାପକ ଡ. ସ୍ମୃତିରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ପବିତ୍ର ମୋହନ ନାୟକ ଯୋଗଦେଇ ମାନସିକ ଭାବେ ପ୍ରସ୍ତୁତ ହୋଇ ନିଜର ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ସର୍ବଦା ଚେଷ୍ଟିତ ରହିବାକୁ ଉପଦେଶ ଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ରଣଜିତ କୁମାର ବେହେରା ଏହି ୭ଦିନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଶ୍ରବଣ କୁମାର ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକମାନେ ଉପସ୍ଥିତ ରହି ସେବାଧାରୀମାନଙ୍କର ମନୋବଳ ବୃଦ୍ଧି କରିଥିଲେ। ସ୍ୱେଚ୍ଛାସେବୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ ଜଗନ୍ନାଥ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜଳେଶ୍ୱର ବ୍ଲକର ଶିଖରପୁର ଗ୍ରାମକୁ ୭ଦିନ ଧରି ପୋଷ୍ୟଗ୍ରାମ ଭାବେ ଗ୍ରହଣ କରି ଗ୍ରାମର ବିଦ୍ୟାଳୟ, ହସ୍‌ପିଟାଲ ଓ ଗ୍ରାମ୍ୟ ରାସ୍ତାକୁ ସଫା କରିବା ସହିତ ଗ୍ରାମ ପରିକ୍ରମା କରି ସଚେତନତାର ବାର୍ତ୍ତା ଦେଇଥିଲେ। ଗ୍ରାମ ଲୋକଙ୍କୁ ଜଳ ସଂରକ୍ଷଣ, ଭୟାବହ ଏଡ୍‌ସ, ବ୍ୟାଙ୍କ ସମ୍ମୁଖରେ ହେଉଥିବା ସାଇବର କ୍ରାଇମ ଉପରେ ସ୍ୱେଚ୍ଛାସେବୀମାନେ ସଚେତନତା କରାଇଥିଲେ।



ଅତିଥିଙ୍କ ଗହଣରେ ପ୍ରମାଣପତ୍ର ସହ ସ୍ୱେଚ୍ଛାସେବୀ।

■ ସ୍ୱତନ୍ତ୍ର ଜାତୀୟ ସେବା ଶିବିର

# ଆବର୍ଜନା ସଫା କଲେ, ସଚେତନ କରାଇଲେ

ଖଇରା,୩୦।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ତରଫରୁ ଯୁକ୍ତ ୨ ବାଳକ ବିଭାଗର ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଗୋପୀନାଥ ପାତ୍ରଙ୍କ ନେତୃତ୍ୱରେ ୨୭ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପୋଷ୍ୟଗ୍ରାମ ଭାବେ ବାଉଁଶଗଡିଆ ପଞ୍ଚାୟତ ଅଧୀନସ୍ଥ କଳମଚୁଆ ଗ୍ରାମରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବିଷ୍ଣୁପଦ ଘଡାଇ, ଖଇରା ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ଶିକ୍ଷାବିତ୍ ବଳରାମ ଦାସ ଓ ସ୍ଥାନୀୟ ବ୍ଲକ ସଭାପତି ଅଜିତ୍ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ । ୭ଦିନ ଧରି ସ୍ୱେଚ୍ଛାସେବୀମାନେ କଳମଚୁଆ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଶିବିରରେ ଯୋଗଦେବା ସହ ବିଦ୍ୟାଳୟ ପରିସର, ଗ୍ରାମର ମଝିସାହିରେ ଥିବା ନଳକୂପ, ମନ୍ଦିର ଓ ମଣ୍ଡପ ଚାରିପାର୍ଶ୍ୱକୁ ପରିଷ୍କାର କରିଥିଲେ। ଗ୍ରାମର ଉପରମୁଣ୍ଡ ରାସ୍ତା ଓ ମଝିସାହି ମାଟିରାସ୍ତାକୁ ମଧ୍ୟ ମରାମତି କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଯଥା ମୋ କୁଡିଆ ଓ ଆବାସ ଯୋଜନା କିପରି ପାଇବେ, ବିଭିନ୍ନ ସଂକ୍ରାମକ ରୋଗ ଯଥା ଡେଙ୍ଗୁ, ମ୍ୟାଲେରିଆ, ଏଡସ୍, ଯକ୍ଷ୍ମା ଓ ପ୍ରାକୃତିକ ବିପର୍ଯ୍ୟୟ ବଜ୍ରପାତ ଆଦିରୁ ରକ୍ଷା ପାଇବା ପାଇଁ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଗତ ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପଞ୍ଚାନନ ଲେଙ୍କା, ଯୁକ୍ତ ୩ ବିଭାଗ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଦୀପକ କୁମାର ଦାସ ଓ ବରିଷ୍ଠ କିରାଣି ଗଙ୍ଗାଧର ବେହେରା, ଶିକ୍ଷାବିତ୍ ବଳରାମ ଦାସ ବକ୍ତା ଭାବେ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ନିଃସ୍ୱାର୍ଥ ଭାବରେ ସମାଜ ଗଠନରେ ନିଜକୁ ନିୟୋଜିତ କଲେ ଦେଶ ଓ ଜାତିର ଉନ୍ନତି ହୋଇପାରିବ ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଏନ୍‌ଏସ୍‌ଏସ୍ ଯୁକ୍ତ ୨ ର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୋପୀନାଥ ପାତ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ମଦନମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମବାସୀ ସମସ୍ତ ସେବା ଯୋଗାଇ ଦେଇଥିଲେ।



ଉଦ୍‌ଯାପନୀ ଦିବସରେ ମାନପତ୍ର ସହ ସ୍ୱେଚ୍ଛାସେବୀ।

### 'ଶିକ୍ଷା ଦେଖାଏ ଆଲୋକର ପଥ'

ବସ୍ତା, ୩୦।୧୨(ସ୍ୱ.ପ୍ର.)- ଯେଉଁ ଜାତି ମା' ଓ ମାଟିର ଯତ୍ନ ନେବା ଶିଖି ନାହିଁ ସେ ଜାତି ଓ ସମାଜ ବିକାଶରେ ପଛେଇ ଯାଇଛି ବୋଲି ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ବସ୍ତା ବ୍ଲକର ଦରଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ରବିବାର ପୁରାତନ ଛାତ୍ର ସଂସଦ ସଭାପତି ରାଜୀବ ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉଦ୍‌ବୋଧନ ଦେଇ ଡ. ପାଟଶାଣୀ ମାତାପିତା ଓ ଗୁରୁଙ୍କୁ ପୂଜା କରିବା ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ପୂଜନ ସହ ସମାନ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଶିକ୍ଷା ହିଁ ସମସ୍ତଙ୍କୁ ଆଲୋକର ପଥ ଦେଖାଇଥାଏ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ସାହୁ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅଶୋକ କୁମାର ରଥ ବେଦପାଠ କରିଥିଲେ । ଶରତ ମଣ୍ଡଳ ପରିଚୟ ପ୍ରଦାନ କରିଥିଲେ। ଛାତ୍ର ସଂସଦ ସମ୍ପାଦକ ପ୍ରଦୀପ କୁମାର ବିଶ୍ୱାଳ ସନ୍ଦର୍ଭ ପଠନ କରିଥିଲେ। ସୁଶାନ୍ତ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଗୀଙ୍କୁ ଫଳ ବଣ୍ଟନ


ଭୋଗରାଇ କଂଗ୍ରେସ ଶାଖା ପକ୍ଷରୁ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ।

ଭୋଗରାଇ, ୩୦।୧୨(ଡି.ଏନ.ଏ.)

କଂଗ୍ରେସ ପ୍ରତିଷ୍ଠା ଦିବସରେ ଭୋଗରାଇ କଂଗ୍ରେସ ଶାଖା ପକ୍ଷରୁ ଶନିବାର ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଦଳର ନେତା ସତ୍ୟଶିବ ଦାସଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ସଭାପତି ଆଶିଷ କୁମାର ପାତ୍ର, ଜିଲା ସମ୍ପାଦକ ସନ୍ତୋଷ କୁମାର ଜେନା, ୩ ଓ ୩୫ ନଂ. ଜୋନ୍‌ର ସଭାପତି ରାଜେନ୍ଦ୍ର ପଣ୍ଡା, ରାଜେନ୍ଦ୍ର ଦଳାଇ, ସମ୍ପାଦକ ଦୀପେଶ ଚନ୍ଦ୍ର ରାୟ, ଜିଲା ଉପସଭାପତି ଗୋପବନ୍ଧୁ ମହାପାତ୍ର, ଯୁବନେତା ଶିଶିର କୁମାର ମହାପାତ୍ର, ବରେନ୍ଦ୍ର କୁମାର ପାତ୍ର ପ୍ରମୁଖ ବହୁ ଛାମୁଆନେତା ରୋଗୀମାନଙ୍କୁ ଫଳ ବଣ୍ଟନରେ ସହଯୋଗ କରିଥିଲେ। ସେଠାରୁ ଫେରି ଦଳର ନେତା ଓ କର୍ମୀମାନେ କଂଗ୍ରେସ ଭବନଠାରେ ଦଳୀୟ ପତାକା ଉତ୍ତୋଳନ କରି କେନ୍ଦ୍ର ସରକାରଙ୍କ ସିଏଏ ଆଇନ ବିରୋଧରେ ବ୍ୟାପକ ଗଣ ଆନ୍ଦୋଳନ ଗଢ଼ି ତୋଳିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେବା ସହିତ ଦଳକୁ ଶକ୍ତିଶାଳୀ କରିବାକୁ ରଣକୌଶଳ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ଗାଁରେ ବ୍ୟାପକ ଜନସଚେତନତା କାର୍ଯ୍ୟ କରାଯିବାକୁ ନେତାମାନେ ନିଷ୍ପତ୍ତି ନେଇଥିଲେ।

## ସଂକ୍ଷେପରେ

### ବାଇକ୍ ଉପରେ ମାଡ଼ିଗଲା ଟ୍ରକ୍: ବୃଦ୍ଧ ମୃତ

**ଭଦ୍ରକ ଅଫିସ, ୩୦।୧୨:** ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଚରମ୍ପା ମହିନ୍ଦ୍ରା ଶୋ'ରୁମ୍ ସମ୍ମୁଖରେ ସୋମବାର ପୂର୍ବାହ୍ନରେ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାସୁଦେବପୁର ବ୍ଲକ ସୁଗୋ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଚରମ୍ପା ନିବାସୀ ଅନନ୍ତ ପ୍ରସାଦ ନାୟକ(୬୫)। ସୂଚନା ଅନୁଯାୟୀ, ସେ ବାଇକ୍‌ରେ ତାଙ୍କ ପୁଅ ସହ ରାଣୀତାଲ ଅଞ୍ଚଳରୁ ଚରମ୍ପାକୁ ଫେରୁଥିଲେ। ମହିନ୍ଦ୍ରା ଶୋ'ରୁମ୍ ସମ୍ମୁଖରେ ଏକ ଟ୍ରକ ଦ୍ରୁତଗତିରେ ଆସି ବାଇକ୍ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକେ ଅନନ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

### ନାଗରିକତ୍ୱ ସଂଶୋଧନ ଆଇନ ସପକ୍ଷରେ ଜନସଚେତନତା

**ବାସୁଦେବପୁର,୩୦।୧୨(ଡି.ଏନ.ଏ.):** ଦେଶରେ କେନ୍ଦ୍ର ସରକାର ଲାଗୁ କରିଥିବା ନାଗରିକତ୍ୱ ସଂଶୋଧନ ଆଇନକୁ ସମର୍ଥନ କରି ସ୍ଥାନୀୟ ବଜରଙ୍ଗ ଦଳ ସୋମବାର ଏକାଠି ହୋଇ ଏହା ସପକ୍ଷରେ ଜନସଚେତନତା ସୃଷ୍ଟି କରିଛି। ବଜରଙ୍ଗ ଦଳ ଓ ଏହି ଆଇନକୁ ସମର୍ଥନ କରୁଥିବା ସଙ୍ଗଠନ ଓ ବ୍ୟକ୍ତିମାନେ ଯାଦବ ପଡ଼ିଆରୁ ବାହାରି ପ୍ଲାକାର୍ଡ ଧରି ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ବଜରଙ୍ଗ ଦଳର ଜିଲା ଗୋସୁରକ୍ଷା ପ୍ରମୁଖ ଦେବେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଳର ଶତାଧିକ କର୍ମକର୍ତ୍ତା ତହସିଲ ଅଫିସ୍ ପରିସରରେ ବସି ରହି ଏହି ଆଇନ ସପକ୍ଷରେ ଲୋକଙ୍କୁ ଅବଗତ କରିଥିଲେ। ଓଡ଼ିଶା ରାଜ୍ୟ ସଂଯୋଜକ ମାନସ ରଞ୍ଜନ ମହାନ୍ତି ଏହି ଆଇନର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁସୂଦନ ପାଢ଼ୀ, ସଂଯୋଜକ ମନସ୍ୱ ନାୟକ, ଉଦୟ ନାରାୟଣ ମଲିକ, ସୁବାସ ପ୍ରଧାନ, ଭଗବାନ ମହାନ୍ତି, ରମାକାନ୍ତ ସେଠୀ, ବିଶ୍ୱନାଥ ବାରିକ, ସମ୍ବିତ ମହାନ୍ତି, ଜୟପ୍ରକାଶ ମଲିକ, ନିର୍ମଳ ଚନ୍ଦ୍ର ପଣ୍ଡା, ସୁବ୍ରତ କୁମାର ଧଳ ଓ ଯୁଧିଷ୍ଠିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସରପଞ୍ଚଙ୍କ ଅକାଳ ମୃତ୍ୟୁ

**ବାସୁଦେବପୁର,୩୦।୧୨(ଡି.ଏନ.ଏ.):** ବାସୁଦେବପୁର ବ୍ଲକ ବିଦେଇପୁର ପଞ୍ଚାୟତ ସରପଞ୍ଚ ତଥା ଆଇନଜୀବୀ ସୁବ୍ରତ କୁମାର ରାୟ(୪୨)ଙ୍କ ସୋମବାର ସନ୍ଧ୍ୟାରେ ଅକାଳ ମୃତ୍ୟୁ ଘଟିଛି। ସେ ଗତ କିଛିମାସ ହେଲା କ୍ୟାନ୍‌ସରରେ ପୀଡ଼ିତ ଥିଲେ। କଂଗ୍ରେସର ଯୁବନେତା ଭାବେ ସେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ସରପଞ୍ଚ କମଳାକାନ୍ତ ବାରିକ, ରଘୁନାଥ ମଲିକ, ପୂର୍ବତନ କାଉନସିଲର ତୋହିଦ ଖାଁ, ଗଙ୍ଗାଧର ବାରିକ, ବିଧାୟକଙ୍କ ପ୍ରତିନିଧି ଅସିତ ଦାସଙ୍କ ସମେତ ଓକିଲ ସଂଘ ସଭାପତି ତାରାକାନ୍ତ ଡାଙ୍ଗୁଆ, ସମ୍ପାଦକ ଗୌତମ ପ୍ରସାଦ ଧଳ, ପ୍ରଦୀପ ମହାନ୍ତି, ଉପସଭାପତି ସ୍ମୃତିରଞ୍ଜନ ପଳିତା, ମଧୁସୂଦନ ଜେନା, ନରେନ୍ଦ୍ର ପ୍ରସାଦ ବାରିକ, ବୀରକିଶୋର ଦାସ, ରାଜେନ୍ଦ୍ର କୁମାର ବଳ ପ୍ରମୁଖ ଆସି ଶେଷ ଦର୍ଶନ କରିଥିଲେ।



# ଗଳାପୋଲ ଦାବିରେ ଆନ୍ଦୋଳନ ଜାରି

**ଭଦ୍ରକ ଅଫିସ, ୩୦।୧୨**

ଭଦ୍ରକ ରାଣୀତାଲରେ ଗଳାପୋଲ ନିର୍ମାଣ ଦାବି ନେଇ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଜାରି ରହିଛି। ସୋମବାର ଆନ୍ଦୋଳନ ୭ମ ଦିନରେ ପହଞ୍ଚିଛି। ରାଣୀତାଲ ବିକାଶ ମଞ୍ଚ ଆହ୍ୱାନରେ ଏହି ଆନ୍ଦୋଳନକୁ ସମର୍ଥନ କରୁଥିବା ବଜାର କମିଟି, ସାହିତ୍ୟ ସଂସ୍କୃତି ପରିଷଦ ଓ ଅନ୍ୟ ସଙ୍ଗଠନର କର୍ମକର୍ତ୍ତା ସାତ ଦିନ ହେଲା ଏଠାରେ ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାମ ବନ୍ଦ ରଖିଛନ୍ତି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ସୋମବାର ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ସମର୍ଥନ ଜଣାଇଛନ୍ତି। ସନ୍ଧ୍ୟାରେ ବିଧାୟକ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିବା ସହ ସର୍ବଦା ରାଣୀତାଲବାସୀଙ୍କ ସହ ସେ ଅଛନ୍ତି ବୋଲି କହିଥିଲେ। ରାଣୀତାଲରେ ଫ୍ଲାଏଓଭର ହେଉ କିମ୍ବା ଗଳାପୋଲ ନିତାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ।



ଆନ୍ଦୋଳନ ସ୍ଥଳରେ ବିଧାୟକ ସଞ୍ଜୀବ ମଲ୍ଲିକ ଓ ରାଣୀତାଲ ବାସିନ୍ଦା।

ରାଜପଥ କର୍ମକର୍ତ୍ତାଙ୍କ ସହ ଆଲୋଚନା ଜାରି ରଖିଥିବା ସେ ବୋଲି କହିଥିଲେ।

ଭଦ୍ରକ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ପ୍ରଫୁଲ୍ଲ ନାୟକ ମଧ୍ୟ ଯୋଗଦେଇ ଦାବି ଯଥାର୍ଥ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧିଦଳ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ମାଧ୍ୟମରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଥିବା ସୂଚନା ମିଳିଛି। ଆନ୍ଦୋଳନ ଜାରି ରହିଥିବାବେଳେ କୌଣସି ପ୍ରଶାସନିକ ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଜଗଦଳପୁରର ପୂର୍ବତନ ସରପଞ୍ଚ ବିଜୟ ମହାପାତ୍ର, ରାହାଞ୍ଜର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ, ପ୍ରହ୍ଲାଦ ପଣ୍ଡା, ରମ୍ଭିଳାର ପୂର୍ବତନ ସରପଞ୍ଚ ଗଣେଶ ପଣ୍ଡା, ଆଇନଜୀବୀ କରୁଣାକର ଦାଶ, ଗଣେଶ ପ୍ରସାଦ ଦାଶ, କେଦାର ମହାପାତ୍ର, ସଂଗ୍ରାମ କର, ବଜାର କମିଟି ସଭାପତି ସୁକାନ୍ତ ସାହୁ ଓ ସମ୍ପାଦକ ଜ୍ୟୋତିପ୍ରକାଶ କର, ଯୁବନେତା ରାଜେନ୍ଦ୍ର ଦାଶ, ଶରତ କବି,ରମେଶ ଜେନା, ରାଜକିଶୋର ମହାପାତ୍ର ଓ ସଞ୍ଜିତ୍ କୁମାର ଲେଙ୍କା ଉପସ୍ଥିତ ଥିଲେ।

# ମଣିଷ ଜୀବନରେ ବିଶ୍ରାମର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭଦ୍ରକ ଅଫିସ, ୩୦।୧୨**

ହସ, ଲୁହଭରା ଦୁନିଆରେ ମଣିଷ ଜୀବନରେ ବିଶ୍ରାମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅସ୍ଥିର, ଅସୁସ୍ଥ ମାନସିକତା ଭିତରେ ମଣିଷ ଜୀବନ ଏବଂ ସମାଜ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅନ୍ୟାୟ ଅତ୍ୟାଚାର ମାତ୍ରା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏ ପରିପ୍ରେକ୍ଷୀରେ ବିଶ୍ରାମ ପାଇଁ ଦିନଟିଏ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇ ଭଦ୍ରକ ସହରରେ ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ସୋମବାର ୫ମ ବିଶ୍ୱ ବିଶ୍ରାମ ଦିବସ ପାଳିତ ହୋଇଯାଇଛି। ରାନ୍ଦିଆସ୍ଥିତ ଡଗମୁଣ୍ଡ କୁଷ୍ଠ କଲୋନୀରେ ନିରାଡ଼ମ୍ବରରେ ଦିବସ ପାଳନ କରାଯାଇଥିଲା। ଉକ୍ତ କଲୋନୀ ଅଧିବାସୀଙ୍କ ପ୍ରତି ସରକାରୀ ଅବହେଳା ଓ ଉଦାସୀନତାକୁ ଚିର ବିଶ୍ରାମ ଦେବାକୁ ଆହ୍ୱାନ ଦେଇ ବିଶ୍ରାମ ବନାମ ଆଳସ୍ୟ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବି ସିଂ, ପ୍ରଭାତି ସିଂ, ଆଡ୍‌ଭୋକେଟ କିଶୋର କୁମାର ନାୟକ, ସାମାଜିକ କର୍ମୀ ମନୋଜ କୁମାର ନାୟକ, ତପସ୍ୱିନୀ ସିଂଙ୍କ ସହ ଡଗମୁଣ୍ଡ କଲୋନୀରେ ଅଧିବାସୀ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ମାନବାଧିକାର କର୍ମୀ ତ୍ରିପାଠୀଙ୍କ ନେତୃତ୍ୱରେ ୨୦୧୪ଠାରୁ ପ୍ରତିବର୍ଷ ଡିସେମ୍ବର ୩୦ରେ ବିଶ୍ୱ ବିଶ୍ରାମ ଦିବସ ପାଳିତ ହୋଇଆସୁଛି। ଏହା ଗତବର୍ଷ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ମଧ୍ୟ ସ୍ଥାନିତ ହୋଇସାରିଛି।

# ପିକ୍‌ଅପ୍ ଭ୍ୟାନ୍ ଅଟକ: ୧୪ ଗୋରୁ ଉଦ୍ଧାର


ଉଦ୍ଧାର ହୋଇଥିବା ଗୋରୁ।

**ତିହିଡ଼ି,୩୦।୧୨(ଡି.ଏନ.ଏ.)**

ଭଦ୍ରକ-ଚାନ୍ଦବାଲି ରାସ୍ତାର ମଙ୍ଗରାଜପୁର ଛକରୁ ସୋମବାର ତିହିଡ଼ିର ଗୋସୁରକ୍ଷା ସମିତି ପକ୍ଷରୁ ଗୋରୁ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନକୁ ଅଟକ ରଖାଯାଇ ପୋଲିସକୁ ହସ୍ତାନ୍ତର କରାଯାଇଛି। ସମିତି ପକ୍ଷରୁ ଜୟପ୍ରକାଶ ପତି ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚାନ୍ଦବାଲି ଅଞ୍ଚଳରୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୧୪ ଗୋରୁଙ୍କୁ ବୋଝେଇ କରି ନିଆଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ସମିତିର କର୍ମକର୍ତ୍ତାମାନେ ମଙ୍ଗରାଜପୁର ଛକ ନିକଟରେ ଗାଡ଼ିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ତେବେ ଗାଡ଼ି ଚାଳକ ଓ ଗୋରୁ ବେପାରୀ କୌଶଳକ୍ରମେ ଖସି ପଳାଇ ଯାଇଛନ୍ତି। ପୋଲିସ ଗୋରୁମାନଙ୍କୁ ଉଦ୍ଧାର କରିଥିବାବେଳେ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି।

# 'ସାହିତ୍ୟରେ କାରୁଣ୍ୟ ରହିଲେ ପାଠକଙ୍କୁ ବାନ୍ଧି ରଖେ'



ସାହିତ୍ୟ ସଂସଦର ବର୍ଷାନ୍ତ ଆସରରେ ଅତିଥି।

**ଭଣ୍ଡାରିପୋଖରୀ,୩୦।୧୨(ଡି.ଏନ.ଏ.)**

ସାହିତ୍ୟ କଥାବସ୍ତୁରେ ପ୍ରଦାନ କରାଯାଉଥିବା ବିବରଣୀରେ କାରୁଣ୍ୟ ରହିଲେ ତାହା ପାଠକଙ୍କୁ ଅନେକ କ୍ଷେତ୍ରରେ ବାନ୍ଧି ରଖିଥାଏ। ସାହିତ୍ୟରେ ଆରୋହଣର ଆବଶ୍ୟକତା ରହିଛି ବୋଲି ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ବର୍ଷାନ୍ତ ଆସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂସଦର ସଭାପତି ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ଆସରକୁ ବର୍ଷିୟାନ କବି ଗୋଲକ ଚନ୍ଦ୍ର ମହାନ୍ତି ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ କବି ଅଚ୍ୟୁତାନନ୍ଦ ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଧର ମହାପାତ୍ର, ମୁଖ୍ୟବକ୍ତା ବ୍ୟଙ୍ଗକବି ନାରାୟଣ ଚନ୍ଦ୍ର ସାମଲ ଓ ଅନ୍ୟତମ ଅତିଥି ଭାବେ ଭଣ୍ଡାରିପୋଖରୀ କଲେଜ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ, ଅଧ୍ୟାପକ ଅନାଦି ଚରଣ ସାହୁ, ପ୍ରଧାନଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ସାହିତ୍ୟର ବିଭିନ୍ନ ପ୍ରସଙ୍ଗ ଉପରେ କହିଥିଲେ। କବି ସୁରେନ୍ଦ୍ର ଦାସଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ନଟବର ରାଉଳ, ରମାକାନ୍ତ ବେହେରା, ତପସ୍ୱିନୀ ମହାପାତ୍ର, ହରପ୍ରିୟା ସାସ୍ମଲ, ରାଜେଶ ବିଶ୍ୱାଳ, ଜଗନ୍ନାଥ ପଣ୍ଡା, ଶଶାଙ୍କ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ସମ୍ପାଦକ ପବନ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସୁସ୍ମିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚଳିତ ସପ୍ତାହରେ ପରଲୋକ ଘଟିଥିବା କବି ଚକ୍ରଧର ରାଉତ ଓ କବି କୀର୍ତ୍ତନ ବିହାରୀ ନାୟକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

## ୧୯ରେ ଜିଲା ଅବସରପ୍ରାପ୍ତ ସୈନିକ ସଂଘର ବାର୍ଷିକ ସମାବେଶ

**ଭଦ୍ରକ ଅଫିସ, ୩୦।୧୨**

ଭଦ୍ରକ ଜିଲା ଅବସରପ୍ରାପ୍ତ ସୈନିକ ସଂଘର ବାର୍ଷିକ ସମାବେଶ ଆସନ୍ତା ଜାନୁୟାରୀ ୧୯ ତାରିଖରେ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହେବ। ନୂଆବଜାର ସ୍ଥିତ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସଂଘର ସଭାପତି ରୋହିତ କୁମାର ରାୟ ବୈଠକରେ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଦସ୍ୟ ନାରାୟଣ ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ଲେଙ୍କା, ମୁକ୍ତିକାନ୍ତ ବ୍ରହ୍ମଚାରୀ, ଧନେଶ୍ୱର ବିଶ୍ୱାଳ ଓ ମିର୍ ରିୟାଜ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ସଂଘର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# ବ୍ଲାକ୍‌ବେଲ୍ଟ ପ୍ରଦାନ, ସମ୍ବର୍ଦ୍ଧନା ଉତ୍ସବ



ଆନ୍ତର୍ଜାତିକ ଓପନ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭଦ୍ରକ ଅଫିସ, ୩୦।୧୨**

ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶା(ତାଓ) ଆନୁକୂଲ୍ୟରେ ଭଦ୍ରକ ଚରମ୍ପାସ୍ଥିତ ୟୁନାଇଟେଡ କ୍ଲବ ସମ୍ମିଳନୀ କକ୍ଷରେ ବ୍ଲାକବେଲ୍ଟ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଭଦ୍ରକର ପୂର୍ବତନ ବିଧାୟକ ନରେନ ପଲେଇ ଏବଂ ଓଡ଼ିଶା ବାର୍ କାଉନସିଲର ସଦସ୍ୟ ଆଇନଜୀବୀ ପବନ ଶର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ତାଓ ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ଉତ୍ସବ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଆରମ୍ଭରେ କଲିକତା ଖୁଦିରାମ ଷ୍ଟାଡିୟମରେ ଅନୁଷ୍ଠିତ ୪ର୍ଥ ଆନ୍ତର୍ଜାତିକ ଓପନ ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ପଦକ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଅଭିନବ ବେହେରା(୨ଟି ସ୍ୱର୍ଣ୍ଣ), ଦୀପିକା ବିଶ୍ୱାସ(୧ ସ୍ୱର୍ଣ୍ଣ ଓ ୧ ରୌପ୍ୟ), ସୁଶ୍ରୀ ରୁତାଞ୍ଜଳି(୧ ସ୍ୱର୍ଣ୍ଣ, ୧ ତାମ୍ର), ବିଶ୍ୱପ୍ରଜ୍ଞା ବ୍ରହ୍ମା ଓ ସମୀକ୍ଷା ନନ୍ଦ(ରୌପ୍ୟ), ପ୍ରାଚୀ ପ୍ରିୟଦର୍ଶିନୀ ପୃଷ୍ଟି(୧ ରୌପ୍ୟ, ୧ ତାମ୍ର), ପ୍ରିୟାଂଶୁ ପ୍ରତୀକ, ଜଗତ୍ ଜନ୍ମେଜୟ ହାଁସଦା, ରୋହିତ ମାଳି ପ୍ରତ୍ୟେକ ଗୋଟିଏ ଲେଖାଏ ତାମ୍ର ପଦକ ପାଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପରେ ଭାରତୀୟ ଟାଏକୋଣ୍ଡୋର ଜନକ ତଥା ଟିଏଫ୍ଆଇର ପ୍ରତିଷ୍ଠାତା ସମ୍ପାଦକ ଜିମ୍ମୀ ଆର୍ ଜାଗତିଆନୀଙ୍କ ଦ୍ୱାରା ପରିକ୍ଷୀତ ଓ ସିଓଲସ୍ଥିତ ବିଶ୍ୱ ଟାଏକୋଣ୍ଡୋ ସଙ୍ଗଠନ କୁକିୱାନ ଦ୍ୱାରା ପ୍ରଦତ୍ତ ବ୍ଲାକବେଲ୍ଟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତାଓ ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। କୋଷାଧ୍ୟକ୍ଷା ସଂଘମିତ୍ରା ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରଶିକ୍ଷକ ସୁଧାକର ଜେନା, ସୌମ୍ୟକାନ୍ତ ବେହୁରା, ଯୋଗେନ୍ଦ୍ର ନାୟକ, ପଦ୍ମଲୋଚନ ସିଂ, ଚନ୍ଦନ ସ୍ୱାଇଁ, ଜଗବନ୍ଧୁ ସିଂ, ଧନେଶ୍ୱର ଜେନା, ଆଦ୍ୟାଶା ଦାସ ଓ ତାରିଣୀ ସାହୁ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ।

# ଜାନୁୟାରୀ ୩୧ରୁ ଅନ୍ତର୍ଜାତୀୟ ପ୍ରଦୀପ ମେମୋରିଆଲ କ୍ରିକେଟ

**ବନ୍ତ,୩୦।୧୨(ଡି.ଏନ.ଏ./ସ୍ୱ.ପ୍ର.)**

ବନ୍ତ ବ୍ଲକ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ହନୁମାନ ଜୀଉ ମିନିଷ୍ଟାଡିୟମଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଭାପତି ଲକି ମାଷ୍ଟର ସ୍ୱାଇଁ, ବରିଷ୍ଠ ଉପଦେଷ୍ଟା ଡ. ମନ୍ମଥ ରାଉଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲିଙ୍ଗରାଜ ସ୍ୱାଇଁ, ଇମ୍ଫାର ଜେନେରାଲ ମ୍ୟାନେଜର ଅନାଦି ଚରଣ ଓଝା, ସୁଧାକର ଧଳ, ଅନୁପ ମହାନ୍ତି, ଆଇନଜୀବୀ ପରମେଶ୍ୱର ବାରିକ, ଅରୁଣ ସ୍ୱାଇଁ, ରମାକାନ୍ତ ପାଣିଗ୍ରାହୀ, ସମ୍ପାଦକ ଅସିତ୍ କର, ଉପସଭାପତି ମାନସ କୁମାର ନାୟକ ପ୍ରମୁଖ ସୂଚନା ଦେଇ କହିଥିଲେ, ଆସନ୍ତା ଜାନୁୟାରୀ ୩୧ରୁ ୨୭ତମ ଅନ୍ତର୍ଜାତୀୟ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇ ଫେବୃୟାରୀ ୯ରେ ଉଦ୍‌ଯାପିତ ହେବ। ୪ଟି ଗ୍ରୁପ୍‌ରେ ୧୨ ଟିମ୍ ଭାଗ ନେବାକୁ ଥିବାବେଳେ ୧୫ଟି ମ୍ୟାଚ୍ ଖେଳାଯିବ। ଓଡ଼ିଶାରୁ ୨, ଆନ୍ଧ୍ରପ୍ରଦେଶରୁ ୨, ବେଙ୍ଗାଲୁରୁ, ମୁମ୍ବାଇ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ଗୋଟିଏ ଲେଖାଏ ଟିମ୍ ଅଂଶଗ୍ରହଣ କରିବେ। ଏଥିସହ ବାହାର ଦେଶରୁ ୩ ଟିମ୍ ଭାଗ ନେବେ ବୋଲି ସୂଚନା ଦିଆଯାଇଛି। ଏହି ଟୁର୍ନାମେଣ୍ଟରେ ଟର୍ଭ ଉଇକେଟ, ଧଳା ବଲ୍ ଓ ରଙ୍ଗିନ ପୋଷାକରେ ମ୍ୟାଚ୍ ପରିଚାଳନା ହେବା ସହିତ କ୍ରିକ୍ ହିରୋଜ୍ ଜରିଆରେ ଲାଇଭ ସ୍କୋରିଂ ଓ ସ୍କୋର୍ଟ୍ସ ଭ୍ୟୁ ମାଧ୍ୟମରେ ପ୍ରତ୍ୟେକ ମ୍ୟାଚ୍‌ର ଲାଇଭ ଟେଲିକାଷ୍ଟ କରାଯିବାର ବ୍ୟବସ୍ଥା ରହିଛି। ଜିଲା ପ୍ରଶାସନ, ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ ସହମତିରେ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଆସୋସିଏଶନର କର୍ମକର୍ତ୍ତା ଉଦୟ ବିଶ୍ୱାଳ, ଦିଲୀପ ରାଉତ, ମିଥୁନ ସ୍ୱାଇଁ, ବିଦ୍ୟୁତ ବିଶ୍ୱାଳ, ପ୍ରଜ୍ଞାବିତ୍ ରାଉତ, ପ୍ରଦ୍ୟୁମ୍ନ ସାହୁ, ଶଙ୍କର୍ଷଣ ଧଳ, ପ୍ରସନ୍ନଜିତ ରାଜ ଓ ସୁଚିବ୍ରତ ରାଉତ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଚାନ୍ଦବାଲି, ୩୦।୧୨(ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ନାଳଗୁଣ୍ଡା ପଞ୍ଚାୟତ ହାଇସ୍କୁଲର ୨୦୧୬ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଭାତ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୁରାତନ ଛାତ୍ରୀଛାତ୍ର ସ୍କୁଲ ଜୀବନର ସ୍ମୃତିକୁ ମନେ ପକାଇଥିଲେ। ଶିକ୍ଷକ ଧନେଶ୍ୱର ରାଉତ, ପ୍ରଭାତ ବେହେରା, ବୃନ୍ଦାବନ ନାୟକ, ନାରାୟଣ କବି, ଅବସରପ୍ରାପ୍ତ ଶିକ୍ଷକ ରଙ୍ଗଲାଲ ମଣ୍ଡଳ, ରମାକାନ୍ତ ସାହୁ ଓ ବିଷ୍ଣୁମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏଏ, ଏନ୍‌ଆର୍‌ସି କାର୍ଯ୍ୟକାରୀ ଦାବିରେ ଶୋଭାଯାତ୍ରା

**ଭଦ୍ରକ ଅଫିସ, ୩୦।୧୨**

ଭଦ୍ରକ ପୌରାଞ୍ଚଳ କୁଆଁସର ଯୁବଗୋଷ୍ଠୀଙ୍କ ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଓ ଏନ୍‌ଆର୍‌ସିକୁ ସମର୍ଥନ ଜଣାଇ ସୋମବାର ଶୋଭାଯାତ୍ରା କରାଯାଇଥିଲା। ଆବାହକ ବୈଦ୍ୟନାଥ ନାୟକଙ୍କ ନେତୃତ୍ୱରେ କୁଆଁସଠାରୁ ଶତାଧିକ ଯୁବକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସିଏଏକୁ ସମର୍ଥନ ଜଣାଇ ଏନ୍‌ଆର୍‌ସିକୁ ତୁରନ୍ତ କାର୍ଯ୍ୟକାରୀ କରାଇ ଜିଲାରୁ



କୁଆଁସ ଯୁବଗୋଷ୍ଠୀଙ୍କ ଶୋଭାଯାତ୍ରା।

ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ ଦାବି କରାଯାଇଛି। ଛାତ୍ରନେତା ସ୍ୱାଧୀନ ସୁନ୍ଦର ଦାସ ସଭାରେ କେନ୍ଦ୍ର ସରକାରଙ୍କ ଜନହିତକର ସିଏଏ ଓ ଏନ୍‌ଆର୍‌ସି ଏକ ଯୁଗାନ୍ତକାରୀ ପଦକ୍ଷେପ, ତୁରନ୍ତ ଏହାକୁ କାର୍ଯ୍ୟକାରୀ କରାଯାଉ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଯାତି ମହାନ୍ତି, ବିକାଶ ଶ୍ରେଷ୍ଠା, ସନ୍ତୋଷ ରାଉତ, ତପନ ରାଉଳ, ମୋହିତ ରାଉଳ, ମାନସ ବେହେରା, କାହ୍ନା ବେହେରା ଓ ଚିତ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ ଉଦ୍‌ଯାପିତ

# ଛତିଶଗଡ଼ ଫରେଷ୍ଟ ଚାମ୍ପିୟନ

**ଭଦ୍ରକ ଅଫିସ, ୩୦।୧୨**

ଭଦ୍ରକ ଚରମ୍ପା ହାଇସ୍କୁଲ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ରାଉରକେଲା ଆର୍‌ଏସ୍‌ଏକୁ ୧୯୫ ରନ୍‌ରେ ପରାସ୍ତ କରି ଛତିଶଗଡ଼ ଫରେଷ୍ଟ ଚାମ୍ପିୟନ ହୋଇଛି। ଟସ୍ ଜିତି ଛତିଶଗଡ଼ ଫରେଷ୍ଟ ନିର୍ଦ୍ଧାରିତ ୩୦ଓଭରରେ ୮ ଉଇକେଟ୍ ହରାଇ ୩୪୨ ରନ୍ କରିଥିଲା। ଆର୍‌ଏସ୍‌ଏ ୨୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୭ ରନ୍‌କରିରନର୍ସଅପ୍‌ହୋଇଥିଲା। ଛତିଶଗଡ଼ ଫରେଷ୍ଟ ଟିମ୍‌ର ଛବିଲାଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ବ୍ୟବସାୟୀ ଅଶୋକ କୁମାର ମହାନ୍ତି।

ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବ୍ଲକ ଚେୟାରମ୍ୟାନ ରଘୁନାଥ ଧଳ ଓ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ ଯୋଗ ଦେଇଥିଲେ। କମିଟି ପକ୍ଷରୁ


ଚାମ୍ପିୟନ ଟିମ୍ ସହ ଅତିଥି।

ବିଶିଷ୍ଟ କ୍ରୀଡ଼ାପ୍ରେମୀ ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ପାର୍ଥସାରଥୀ ଗୋଠକର ରାୟ ଏବଂ ଚରମ୍ପା ହାଇସ୍କୁଲର ଶ୍ରୀକାନ୍ତ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। ଛତିଶଗଡ଼ ଫରେଷ୍ଟକୁ ବିଧାୟକ ମଲ୍ଲିକ ଚାମ୍ପିୟନ ରାଶି ଏବଂ ଆର୍‌ଏସ୍‌ଏକୁ ପ୍ରଫୁଲ୍ଲ ନାୟକ ରନର୍ସଅପ୍ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କରିଥିଲେ ବ୍ଲକ ଚେୟାରମ୍ୟାନ ଧଳ। କମିଟି ପକ୍ଷରୁ ମଦନ ମୋହନ ମହାନ୍ତି, ରଜତ ନାୟକ, ବ୍ରଜକିଶୋର ନାୟକ, ପଦ୍ମନାଭ ପଣ୍ଡା, ତପନ ମଲ୍ଲିକ, ଜିତେନ୍ଦ୍ର ପଡ଼ିଆରୀ, ସଂଗ୍ରାମ ପଲ୍ଲାର, କିଶୋର ପୁହାଣ ଏବଂ ଖାନ୍ ସ୍ପୋର୍ଟିଂ ଓ ଚରମ୍ପା ୟୁଥ୍ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଏବଂ ପ୍ରାଣନାଥ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ତୃତୀୟ ଅମ୍ପାୟାର ଭାବେ ଗଗନ ରାଉଳ ଓ ଅରୁଣ ନାୟକ, ସ୍କୋରର ଭାବେ ବିକି ଶର୍ମା ଓ ଶିବଶଙ୍କର ପାଣି କାର୍ଯ୍ୟ ତୁଲାଇଥିଲେ। କମିଟିର ସଲମାନ ଖାନ୍, ଇମ୍‌ତିଆଜ୍ ଖାନ୍, ସାହିଲ ଖାନ୍, ଦିଲ୍‌ଜାନ୍ ଖାନ୍, ସନାତନ ବିଶ୍ୱାଳ, ରୋହିତ ଚୌଧୁରୀ ଓ କମର ଖାନ୍ ସହାୟତା କରିଥିଲେ।

## ସଂକ୍ଷେପରେ

### ନିଆଁ ପୋଉଁଥିବା ବେଳେ ପୋଡ଼ି ହୋଇ ମହିଳାଙ୍କ ମୃତ୍ୟୁ

**କେନ୍ଦୁଝର, ୩୦।୧୨(ସ୍ୱ.ପ୍ର.)-** ପ୍ରବଳ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ପୋଉଁଥିବା ବେଳେ ଜଣେ ମହିଳା ମୃତ୍ୟୁବରଣ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ହରିଚନ୍ଦନପୁର ଥାନା ଅନ୍ତର୍ଗତ ଭୋକା ଗ୍ରାମର ରାଇମଣୀ ମୁଣ୍ଡା ସୋମବାର ସନ୍ଧ୍ୟାରେ ନିଆଁ ପୋଉଁଥିବା ବେଳେ ତାଙ୍କ ଲୁଗାରେ ନିଆଁ ଲାଗି ଯାଇଥିଲା। ସେ ଚିତ୍କାର କରିବାରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଥିବା ଥାନା ଅଧିକାରୀ ବିଜୟ ମହାପାତ୍ର କହିଛନ୍ତି।

### ରାସ୍ତା କଡ଼ରୁ ମୃତଦେହ ଉଦ୍ଧାର

**ଆନନ୍ଦପୁର,୩୦।୧୨(ସ୍ୱ.ପ୍ର.)-** ଆନନ୍ଦପୁର ଥାନା ୫୩ ନଂ. ରାଜ୍ୟ ରାଜପଥର କୋଡପଡା ଛକ ଠିକ୍ ପୂର୍ବରୁ ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବ୍ୟକ୍ତି ଜଣକ ହେଉଛନ୍ତି ନିକଟସ୍ଥ ଗୌଡିହା ଗ୍ରାମର ସନାତନ ପାତ୍ର(୫୮)। ମୃତକ ସନାତନଙ୍କ ପୁଅ ମାନସଙ୍କ କହିବା ଅନୁଯାୟୀ, ବାପା ରବିବାର ଆନନ୍ଦପୁର ପୌରପରିଷଦ ପଦ୍ମପୁର ସାଇକେଲ ଯୋଗେ କାମ କରିବାକୁ ଯାଇଥିଲେ। ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ରାତି ସାରା ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ କିନ୍ତୁ ତାଙ୍କୁ ପାଇ ନ ଥିଲେ। ଆଜି ସକାଳୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ସମ୍ପର୍କରେ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଅନୁଧ୍ୟାନ ଜାରି ରଖିଥିବା ଜଣାପଡିଛି। ଘଟଣାସ୍ଥଳରେ ଲୋକଙ୍କ ଭିଡ ଲାଗି ରହିଥିବାବେଳେ ପରିବାରରେ ଗଭୀର ଶୋକ ପ୍ରକାଶ ପାଇଛି।

### ଗର୍ଭବତୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ହାଟଡିହୀ, ୩୦।୧୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାବଲେଶ୍ୱର ପଞ୍ଚାୟତର ଜମ୍ବରା ଶାଳବଣି ଗ୍ରାମରେ ସୋମବାର ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ମହିଳା ଜଣଙ୍କ ୮ମାସର ଗର୍ଭବତୀ ଥିବା ଜଣାପଡିଛି। ନନ୍ଦିପଦା ଥାନାରେ ଅଭିଯୋଗ ହେବାପରେ ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ.୧୩୪/୧୯) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ହାଟଡିହୀ ବ୍ଲକ ପନ୍ଦାଡୋ ପଞ୍ଚାୟତର ତେନ୍ତୁଳୀପଦି ଗ୍ରାମର ମକରଧ୍ୱଜ ରାଉତଙ୍କ ଝିଅ ମାନସୀ (୩୧) ୧୦ମାସ ପୂର୍ବେ ବିବାହ କରିଥିଲେ। ଗତ ୨୨ ତାରିଖରେ କୌଣସି କାରଣରୁ ସ୍ୱାମୀ, ସ୍ତ୍ରୀଙ୍କ ମଧରେ ଝଗଡା ଲାଗିଥିଲା। ପରେ ମାନସୀଙ୍କ ଦେହରେ ନିଆଁ ଲାଗି ଶରୀରର ଅଧିକାଂଶ ପୋଡିଯାଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାକୁ ଆନନ୍ଦପୁର ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ୮ ଦିନ ମୃତ୍ୟୁ ସହ ସଂଗ୍ରାମ କରି ସୋମବାର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ମାନସୀଙ୍କ ଦେହରେ ନିଆଁ କିପରି ଲାଗିଲା ତାହାର କାରଣ ଜଣାପଡି ନାହିଁ। ଅପରପକ୍ଷେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ମୃତା ମାନସୀଙ୍କ ମା' ଭାନୁମତୀ ରାଉତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯାଉଛି ଏବଂ ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ପରେଶ ମହାନ୍ତି କହିଛନ୍ତି।

### ବଢ଼ିଚାଲିଛି ଦେଶୀ ମହୁଲି ମଦ ବେପାର

**ତେଲକୋଇ, ୩୦।୧୨(ଡ.ଏନ.ଏ.)-** ତେଲକୋଇ ବ୍ଲକର ବିଭିନ୍ନ ଗ୍ରାମରେ ଦେଶୀ ମହୁଲି ମଦ କାରଖାନା ଖୋଲାଖୋଲି ଭାବେ ବଢି ଚାଲିଛି। ଅବକାରୀ ବିଭାଗ ଜାଣି ନୀରବ ରହୁଥିବାରୁ ଜଙ୍ଗଲ ମଧରେ ମହୁଲ ପୋଚରୁ ତିଆରି ଚାଲିଛି ମହୁଲି। ତେଲକୋଇ ବ୍ଲକ ଅନ୍ତର୍ଗତ ବିମଳା ପଞ୍ଚାୟତରେ ବହୁ ଲୋକେ ମଦ ଗାଳି ବିକ୍ରି କରୁଥିବା ବେଳେ ବିଭିନ୍ନ ଗ୍ରାମରେ ଏହାର ପ୍ରସାର ବୃଦ୍ଧି ପାଇଛି। ଏହି ମଦ ତିଆରି ହେବା ପରେ ବିଷାକ୍ତ ଚେର ମୁଳି ପକାଯାଇ ଅଧିକ ନିଶା ହେଉଥିବା ନେଇ ଏହାର ପ୍ରସାର ବୃଦ୍ଧି ପାଉଛି। ଏହାକୁ ପିଇବାରୁ ବିଭିନ୍ନ ଗ୍ରାମ ଓ ପରିବାରରେ ଗଣ୍ଡୋଗୋଳ ବଢ଼ିଚାଲିଛି। ପାରିବାରିକ ହିଂସା ମଧ ବଢ଼ିଚାଲିଛି। ଅବକାରୀ ଅଫିସ ଥାଇ ମଧ ଏଭଳି ମଦ କାରଖାନା ବୃଦ୍ଧି ପାଉଥିବା ବିମଳା ଗ୍ରାମବାସୀ ଅବକାରୀ ବିଭାଗ ଠାରେ ଅଭିଯୋଗ କରିଛନ୍ତି।

# ଥଣ୍ଡାର ପ୍ରକୋପ ଜାରି, ମିଳୁନି ସହାୟତା

**କେନ୍ଦୁଝର, ୩୦।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଶୀତର ଲହରି ଗତ ୩ ଦିନ ଧରି ଲାଗି ରହିଛି। ରବିବାର ସକାଳେ ରେକର୍ଡ କରାଯାଇଥିବା କେନ୍ଦୁଝରରେ ଶନିବାର ସର୍ବନିମ୍ନ ତାପମାତ୍ରା ୬.୬ ଡିଗ୍ରୀ ରହିଥିଲା। ଶୁକ୍ରବାର ଏହି ତାପମାତ୍ରା ୫.୬ ଡିଗ୍ରୀ ସେଣ୍ଟିଗ୍ରେଡ ରହିଥିଲା। ଗତ ତିନିଦିନ ହେଲା ହଠାତ ଥଣ୍ଡା ସାଙ୍ଗକୁ କୋହଲା ପବନ ବୋହିବା ଯୋଗୁଁ କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡିଥିଲା। ଲୋକ ମାନେ ସକାଳେ ଓ ସନ୍ଧ୍ୟା ପରେ ଘରୁ ବାହାରି ପାରୁ ନ ଥିବା ବେଳେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ପ୍ରାତଃ ଭ୍ରମଣରେ ଲୋକମାନେ ବାହାରି ପାରୁନାହାନ୍ତି। ଶୀତବସ୍ତ୍ର ପିନ୍ଧି, କମ୍ବଳ ଘୋଡାଇ ଘରେ ରହୁଥିବା ବେଳେ ଗାଁଠାରୁ ଆରମ୍ଭ କରି ସହର ସବୁଠି ଲୋକ ମାନେ ନିଆଁ ଜଳାଇ ଥଣ୍ଡାରୁ ରକ୍ଷା ପାଇବାକୁ ଘେରି ବସୁଛନ୍ତି। ଶୀତର ମଜା ଉଠାଇବା ପାଇଁ ରବିବାର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରରେ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଛି। ଭୋଜିଭାତ ସହିତ ଜଳପ୍ରପାତ, ମନ୍ଦିର, ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବଣପାହାଡ, ଝରଣା ଆଦିର ଅପୂର୍ବ ସୌନ୍ଦର୍ଯ୍ୟ ଉପଭୋଗ କରି ଫେରୁଛନ୍ତି। ଅନେକେ ସକାଳୁ ଉଠି ଶୀତବସ୍ତ୍ର ପରିଧାନ କରି ଭ୍ରମଣରେ ବାହାରି ଶୀତର ମଜା ଉଠାଉଛନ୍ତି। ପାହାଡିଆ ଅଞ୍ଚଳରେ ଲୋକମାନେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ନିଆଁ ଜଳାଇ ରାତି ଅନିଦ୍ରା ହୋଇ କଟାଉଛନ୍ତି। ଶୀତବସ୍ତ୍ର ମିଳୁ ନ ଥିବାରୁ ଘରୁ ବାହାରି ପାରୁନାହାନ୍ତି ଏବଂ ଭଙ୍ଗା ଦଦରା ଘରେ ରହୁଥିବା ବହୁ ଲୋକ ଏଭଳି ଅକସ୍ମାତ ଶୀତର ପ୍ରକୋପ ବୃଦ୍ଧି ପାଇବା ଯୋଗୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। କେନ୍ଦୁଝର ସହର ସମେତ ଅନ୍ୟାନ୍ୟ ସ୍ଥାନରେ ଅସ୍ଥାୟୀ ଆଶ୍ରୟ ଗୃହ ନ ଥିବାରୁ ରାସ୍ତା କଡରେ ଏବଂ ବସ୍‌କୁ ଅପେକ୍ଷା କରୁଥିବା ଲୋକମାନେ ରାତିରେ ଶୀତରେ ବହୁ ଅସୁବିଧା ଭୋଗୁଛନ୍ତି। ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ ଓ ଆଶ୍ରୟ ପ୍ରଦାନ ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିଲେ ହେଁ ଉପଯୁକ୍ତ ତଦାରଖର ଅଭାବ ଯୋଗୁ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଆଗକୁ ଆହୁରି ଥଣ୍ଡା ସହିତ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ କରାଇଦେଇଥିବାରୁ ପ୍ରଶାସନ ଏନେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## ବଡ଼ବିଲରେ ତାପମାତ୍ରା ସର୍ବନିମ୍ନ ୬ ଡିଗ୍ରୀ



ସକାଳ କଅଁଳିଆ ସୂର୍ଯ୍ୟକିରଣରେ ଗୃହପାଳିତ ପ୍ରାଣୀ ସହ ଲୋକମାନେ ଖରା ପୋଇଁ ହେଉଛନ୍ତି।

**ବଡବିଲ, ୩୦।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲରେ ଦୁଇଦିନ ହେଲା ତାପମାତ୍ରା ହ୍ରାସ ପାଇ ପାରଦ ସର୍ବନିମ୍ନ ୬ ଡିଗ୍ରୀକୁ ଖସିଆସିଛି। ପୌରାଞ୍ଚଳର ଉପକଣ୍ଠ ତଥା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଖୋଲା ସ୍ଥାନରେ ଥିବା ଘାସପତ୍ର ଓ ଗାଡି ଉପରେ ବରଫର ଆସ୍ତରଣ ଜମିଥିବା ପରିଲକ୍ଷିତ ହୋଇଛି। ଶନିବାର ସର୍ବନିମ୍ନ ୪ଡିଗ୍ରୀ ତଳକୁ ପାରଦ ଖସି ଆସି ଜନଜୀବନକୁ ବ୍ୟତିବ୍ୟସ୍ତ କରିପକାଇଥିଲା। ଶୀତବସ୍ତ୍ର ପରିଧାନପରେ ମଧ ଘର ଭିତରେ ଜାଡରେ ଥରୁଛନ୍ତି ଲୋକେ। ଘର ବାହାରେ ବିଭିନ୍ନ ସ୍ଥାନରେ କୁଟାକାଠ ଜାଳି ନିଆଁ ପଇଁ ହେଉଥିଲାବେଳେ ସକାଳର କଅଁଳିଆ ସୂର୍ଯ୍ୟକିରଣରେ ଖରା ଖାଇବାକୁ ଶୀତବସ୍ତ୍ର ପରିଧାନ କରି ମଧ ଗାଈଗୋରୁ ଓ ଗୃହପାଳିତ ପଶୁମାନଙ୍କ ସହ ଲୋକମାନେ ଘଣ୍ଟା ଘଣ୍ଟା ଘରି ଛିଡାହୋଇ ରହୁଥିଲେ ହେଁ ଖରାଛାଡି ଛାଇକୁ ଯିବାକୁ କୁଣ୍ଠାବୋଧ କରୁଛନ୍ତି।

## କେନ୍ଦୁଝରର ବିଭିନ୍ନ ସ୍ଥାନରେ ତୁଷାରପାତ

**କେନ୍ଦୁଝର, ୩୦।୧୨(ଡି.ଏନ.ଏ.)**

ଗତ ତିନିଦିନ ହେବ ଜିଲାରେ ଶୀତର ପ୍ରକୋପ ବୃଦ୍ଧି ପାଇଥିବାବେଳେ ପୁଣି ରବିବାର ରାତିରେ କେତେକ ସ୍ଥାନରେ ତୁଷାରପାତ ହୋଇଥିବା ଜଣାପଡିଛି। ସୋମବାର ପାଗ କୋହଲା ସାଙ୍ଗକୁ ଥଣ୍ଡା ପବନ ଯୋଗୁ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଫଳରେ ଦୋକାନ ବଜାର ଖାଁ ଖାଁ ଲାଗୁଛି। ପାହାଡିଆ ଅଞ୍ଚଳରେ ଶୀତର ପ୍ରକୋପ ଆହୁରି ଅଧିକ ବୋଲି କୁହାଯାଉଛି। ସୋମବାର ସକାଳ ୮ଟା ୩୦ମିନିଟରେ ଆଇଏମ୍‌ଡି ବିଭାଗ ତରଫରୁ କରାଯାଇଥିବା ରେକର୍ଡ ଅନୁସାରେ କେନ୍ଦୁଝରର ସର୍ବନିମ୍ନ ତାପମାତ୍ରା ୮.୪ଡିଗ୍ରୀ ସେଲସିୟସ ରହିଥିଲା। ଶନିବାର ଓ ରବିବାର ତୁଳନାରେ ସୋମବାର ତାପମାତ୍ରା ଅଧିକ ଥିଲେ ମଧ କେନ୍ଦୁଝର ଜିଲାର ସଦର ବ୍ଲକ ବାଉରୀପଦା, ମୁକୁନା ନଦୀ କୂଳିଆ ଅଞ୍ଚଳରେ ତୁଷାରପାତ ହୋଇଥିବା ଦେଖାଯାଇଥିଲା। ସେହିପରି କାଞ୍ଜିପାଣି ଓ ତଣ୍ଡିଯୋଡା ଅଞ୍ଚଳରେ ମଧ ତୁଷାରପାତ ହୋଇଥିବା ଖବର ମିଳିଛି।

## ଶୀତରେ ଥରୁଛି ସଦର ଅଞ୍ଚଳ

**ରାଇସୁଆଁ, ୩୦।୧୨(ଡି.ଏନ.ଏ.)**

ସାରା ଦେଶରେ ଶୀତର ପ୍ରକୋପ ଜାରି ରହିଛି। କେନ୍ଦୁଝର ଜିଲା ସଦର ଅଞ୍ଚଳରେ ମଧ ତାପମାତ୍ରା କମିଯିବା ଯୋଗୁଁ ଲୋକ ମାନେ ଅସହ୍ୟ ଶୀତରେ ରହୁଥିବା ଦେଖିବାକୁ ମିଳୁଛି। ସକାଳୁ ରାତି ପର୍ଯ୍ୟନ୍ତ ଲୋକ ମାନେ ଶୀତ ବସ୍ତ୍ର ପରିଧାନ କରୁଥିବା ଦେଖିବାକୁ ମିଳୁଛି। ସକାଳେ ଏବଂ ସନ୍ଧ୍ୟାରେ ଶୀତ ଦାଉରୁ ରକ୍ଷା ପାଇଁ ଲୋକମାନେ ନିଆଁ ଜାଳି ରହୁଥିବା ଦେଖିବାକୁ ମିଳୁଛି। ସକାଳ ସମୟରେ ବହୁ ସ୍ଥାନରେ ବରଫର ଆସ୍ତରଣ ଦେଖିବାକୁ ମିଳୁଛି। ସ୍ଥାନୀୟ ଅଞ୍ଚଳର ବହୁ ବୟୋଜ୍ୟେଷ୍ଠ ଲୋକ କହିଛନ୍ତି ଯେ, ଏହି ପରି ଶୀତ ଆଗରୁ ଦେଖି ନ ଥିଲେ।

### ମା' ତାରିଣୀଙ୍କ ହୁଣ୍ଡି ଗଣତି

## ମିଳିଲା ୯.୮୬ ଲକ୍ଷ ଟଙ୍କା, ୩୪ ଗ୍ରାମ୍ ସୁନା, ୭୦୮ ଗ୍ରାମ୍ ରୁପା


ମନ୍ଦିର କାର୍ଯ୍ୟାଳୟରେ ଦାନ ଅର୍ଥ ଗଣତି କରାଯାଉଛି।

**ଘଟଗାଁ, ୩୦।୧୨**

ଘଟଗାଁ ମା' ତାରିଣୀଙ୍କ ଦାନଅର୍ଥ (ହୁଣ୍ଡି) ସୋମବାର ଟ୍ରଷ୍ଟବୋର୍ଡ ପକ୍ଷରୁ ଗଣତି କରାଯାଇଥିଲା। ଏଥିରୁ ନଗଦ ଅର୍ଥ ୯ ଲକ୍ଷ ୮୬ ହଜାର ୧୬୦ ଟଙ୍କା ମିଳିଥିବାବେଳେ ସୁନା ଅଳଙ୍କାର ୩୪ ଗ୍ରାମ ୩୪୦ ମିଲିଗ୍ରାମ ଓ ରୂପା ୭୦୮ ଗ୍ରାମ ମିଳିଛି। ଟ୍ରଷ୍ଟବୋର୍ଡ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଦସ୍ୟ ଆନନ୍ଦ ଚନନ୍ଦ୍ର ସିଂହ, ନିର୍ମଳ ମହାନ୍ତି, ଦୟାନିଧି ମହାନ୍ତ, ବଳଭଦ୍ର ନନ୍ଦ, ରୁଦ୍ର ନାରାୟଣ ମହାନ୍ତ, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ, ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ମନ୍ଦିର ବେଢ଼ା ଓ ବାହାରେ ଥିବା ୧୩ଟି ହୁଣ୍ଡି ଖୋଲାଯାଇ ସୋମବାର ଦିନ ୧୧ଟାବେଳେ ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏହି ଗଣତି ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଗଣତି କାର୍ଯ୍ୟରେ ବରିଷ୍ଠ କର୍ମଚାରୀ ଅକ୍ଷୟ ବେହେରା, ହରେକୃଷ୍ଣ ପଲେଇ, ଶରତ ବେହେରା, ଅବନୀ ଜେନା, ମହେଶ୍ୱର ଦେହୁରୀ, ସନାତନ ନାୟକ, ଚନ୍ଦ୍ରା ମୁଖୀ, ନାରାୟଣ ମୁଖୀ, ବିଷ୍ଣୁ ନାଏକ, ସୁରେଶ ବାରିକ, ତରଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଶୀତ ଲାଗି ଖୋଲିଲା ରାତ୍ର ଆଶ୍ରୟସ୍ଥଳୀ

**ଯୋଡ଼ା, ୩୦।୧୨(ଡି.ଏନ.ଏ.)**

ପ୍ରବଳ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ କେନ୍ଦୁଝର ଜିଲା ଯୋଡା ପୌରପାଳିକା ପକ୍ଷରୁ ଯୋଡା କଲ୍ୟାଣ ମଣ୍ଡପ ଓ ବାଚୁ ହଟିଂରେ ଥିବା ଡିସିପି ସେଣ୍ଟରଠାରେ ଅସହାୟ ଲୋକଙ୍କ ନିମନ୍ତେ ଦୁଇଟି ରାତ୍ର ଆଶ୍ରୟସ୍ଥଳୀ ଖୋଲାଯାଇଛି। ଯୋଡା ସହରରେ ଶୀତର ପ୍ରକୋପ ବୃଦ୍ଧି ପାଇଥିବାରୁ ରାତ୍ର ସମୟରେ ସହରର ବସଷ୍ଟାଣ୍ଡ, ଯୋଡା ମାର୍କେଟ, ବନେଇକଲା, ଆଜାଦବସ୍ତିର ଛକ ଓ ସହରର ବିଭିନ୍ନ ଗଳି କନ୍ଦିରେ ଅସହାୟ ଭାବେ ରାତ୍ରିଯାପନ କରୁଥିବା ଗରିବ ଲୋକଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ଏହି ଆଶ୍ରୟସ୍ଥଳୀ ଖୋଲାଯାଇଥିବା ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ ପ୍ରକାଶ କରିଛନ୍ତି। ଉକ୍ତ ଆଶ୍ରୟସ୍ଥଳୀଦ୍ୱୟରେ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଶୋଇବା ନିମନ୍ତେ ଗଦି ଓ ଘୋଡେଇବା ପାଇଁ କମ୍ବଳର ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି। ଏହି ଦୁଇଗୋଟି ରାତ୍ର ଆଶ୍ରୟ ସ୍ଥଳୀରେ ପ୍ରାୟ ୨୫ରୁ ଅଧିକ ଅସହାୟ ଲୋକଙ୍କ ପାଇଁ ଆଶ୍ରୟ ବ୍ୟବସ୍ଥା କରାଯାଇଛି। ଚଳିତ ସପ୍ତାହ ଯୋଡାରେ ସର୍ବନିମ୍ନ ୩ ଡିଗ୍ରୀରୁ ୭ ଡିଗ୍ରୀ ମଧରେ ରାତି ବେଳା ତାପମାତ୍ରା ରହୁଛି।

## ଜିତେନ୍ଦ୍ର ଢେଙ୍କିକୋଟ ଭାଜପା ମଣ୍ଡଳ ସଭାପତି

**ଢେଙ୍କିକୋଟ, ୩୦।୧୨(ଡି.ଏନ୍.ଏ.)**

ଢେଙ୍କିକୋଟ ହାଟ ପଡ଼ିଆଠାରେ ଭାଜପାର ମଣ୍ଡଳ ସଭାପତି ଚୟନ ନିମନ୍ତେ ଏକ ବୈଠକ ସୋମବାର ଅପରାହ୍ନରେ ହୋଇଯାଇଛି। ଏହି ବୈଠକରେ ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦୁଝର ଜିଲାର ପୂର୍ବତନ ଏମ୍‌ପି ଅନନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାକୁ ଢେଙ୍କିକୋଟ ମଣ୍ଡଳ ଅନ୍ତର୍ଗତ ବାରାହାଟିପୁରା, ସାନ୍ତରାପୁର, ପଇଦା ପାଟଣା, ଢେଙ୍କିକୋଟ, ଖଣ୍ଟଘର ମୁକ୍ତାପୁର, ଭୋଲବେଡ଼ା, ମନହରପୁର, ସରାସପଶି, ତୋରାଣି ପୋଖରୀ ପ୍ରମୁଖ ପଞ୍ଚାୟତର ବୁଥ୍ କମିଟିର ସଭାପତିମାନେ ଯୋଗ ଦେଇଥିବାବେଳେ ସଭାରେ ପୂର୍ବତନ ମଣ୍ଡଳ ସଭାପତି ଇନ୍ଦ୍ରମଣି ମହାନ୍ତ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଭାଜପାର ରୀତିନୀତି ଅନୁଯାୟୀ ନୂତନ ସଭାପତି ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ଭାଜପାର ଜିତେନ୍ଦ୍ର ପଲେଇଙ୍କୁ ମଣ୍ଡଳ ସଭାପତି ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ପରେ ତାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ନାୟକ ସ୍ୱାଗତ ସମ୍ବର୍ଦ୍ଧିତ କରିଛନ୍ତି। ଏହି ବୈଠକରେ ସକ୍ରିୟ କାର୍ଯ୍ୟକର୍ତ୍ତା ଶାନ୍ତନୁ ସିଂହ, ରୁନୁ ପଣ୍ଡା, ବଇଭବ ନାୟକ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂ, ପୁଷ୍ପଲତା ନାୟକ ଉପସ୍ଥିତ ଥିଲେ।

## ଲୁହା ସ୍କ୍ରାପ ବୋଝେଇ ଗାଡ଼ି ଜବତ, ୨ ଗିରଫ

**ଯୋଡ଼ା, ୩୦।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ସହରର କମାରଯୋଡାଠାରେ ଥିବା ଟିଭିଏସ ସୋରୁମ୍ ନିକଟରୁ ରବିବାର ସନ୍ଧ୍ୟା ସମୟରେ ଯୋଡା ପୋଲିସ ଚଢାଉ କରି ଏକ ଚୋରା ଲୁହା ସ୍କ୍ରାପ ବୋଝେଇ ଗାଡିକୁ ଜବତ କରିବା ସହିତ ଏଥିରେ ସଂପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ରବିବାର ଯୋଡା ସହରର କମାର ଯୋଡା ଅଞ୍ଚଳରୁ ଏକ ଟାଟା ସୁମୋ ପ୍ରାୟ ୮ ମେଟ୍ରିକ ଟନ୍ ପରିମାଣର ଲୁହା ସ୍କ୍ରାପ ବୋଝେଇ କରି ଝାଡଖଣ୍ଡ ଅଞ୍ଚଳକୁ ଚୋରା ଚାଲାଣ କରୁଥିବା ବେଳେ ଯୋଡା ପୋଲିସ ଖବର ପାଇ ସଦଳବଳେ ଚଢାଉ କରି ଉକ୍ତ ଗାଡିକୁ ଜବତ କରିବା ସହିତ ଅଭିଯୁକ୍ତ ଦୁଇ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଯୋଡା ହୁଡି ସାହିର ରାଜକୁମାର ପୋଦାର ଓ ଝାଡଖଣ୍ଡ ରାଜ୍ୟ ସଢେଇକଳା ଅଞ୍ଚଳର ସଞ୍ଜୟ ଗୁପ୍ତା। ଏହି ସ୍କ୍ରାପର ଆନୁମାନିକ ମୂଲ୍ୟ ପ୍ରାୟ ୫୦ହଜାର ଟଙ୍କା ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ଏନେଇ ଯୋଡା ଥାନାରେ ଏକ ମାମଲା (ନଂ. ୨୩୨/୨୦୧୯) ରୁଜୁ କରିଛି।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଚାନ୍ଦବାଲି, ୩୦।୧୨(ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଞ୍ଚାୟତ ହାଇସ୍କୁଲର ୨୦୧୬ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଭାତ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିଲେ। ପୁରାତନ ଛାତ୍ରୀଛାତ୍ର ସ୍କୁଲ ଜୀବନର ସ୍ମୃତିକୁ ମନେ ପକାଇଥିଲେ। ଶିକ୍ଷକ ଧନେଶ୍ୱର ରାଉତ, ପ୍ରଭାତ ବେହେରା, ବୃନ୍ଦାବନ ନାୟକ, ନାରାୟଣ କବି, ଅବସରପ୍ରାପ୍ତ ଶିକ୍ଷକ ରଙ୍ଗଲାଲ ମଣ୍ଡଳ, ରମାକାନ୍ତ ସାହୁ ଓ ବିଷ୍ଣୁମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ 'ହୋ' ସମାଜ ସମ୍ମିଳନୀ

**ତେଲକୋଇ, ୩୦।୧୨(ଡି.ଏନ.ଏ.)**

ତେଲକୋଇ ଚାରିଗଡ ମହାବିଦ୍ୟାଳୟର ଷ୍ଟାଡିୟମରେ ରବିବାର ଜିଲାସ୍ତରୀୟ 'ହୋ' ସମାଜର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସଂଖ୍ୟାରେ ମହିଳା ପୁରୁଷ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। 'ହୋ' ସମାଜର ପରମ୍ପରା, ସଂସ୍କୃତିକୁ ବଜାୟ ରଖିବା ପାଇଁ ଏହି ସମ୍ମିଳନୀ କରାଯାଇଥିଲା। ସେହିପରି ଅନ୍ଧବିଶ୍ୱାସ, ବାଲ୍ୟବିବାହକୁ ବିରୋଧ କରାଯାଇଥିଲା। ହୋ ସମାଜର ଭାଷା ଲିପିଚିକାକୁ ଗୁରୁତ୍ୱ ଦିଆଯିବା ସହିତ ରାଜ୍ୟର ସବୁ ଗ୍ରାମରେ ପାଠପଢା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଜିଲା ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ. ପ୍ରେମାନନ୍ଦ ନାୟକ ଉପସ୍ଥିତ ଥିଲେ।


କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଅନ୍ୟ ଅତିଥିଙ୍କ ମଧରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ମହାସଭାର କେନ୍ଦ୍ରୀୟ ସଭାପତି କୃଷ୍ଣଚନ୍ଦ୍ର ବଦ୍ରା, ବ୍ଲକ ଅଧକ୍ଷ ମମତା ଦେହୁରୀ, ବିଡିଓ ଦିଲୀପ କୁମାର ବାରା, କେନ୍ଦ୍ରୀୟ ସାଧାରଣ ସଂପାଦକ ତିରିଲି ତିରିଆ, କେନ୍ଦୁଝର ଜିଲା ସଂପାଦକ ଗୌର ଚନ୍ଦ୍ର ମୁଣ୍ଡା ଅନ୍ତର୍ଭୁକ୍ତ ରହି ନିଜ ନିଜର ମତ ସହିତ ନିଜ ସଂସ୍କୃତି ଓ ପରମ୍ପରା ସହିତ ଅନ୍ଧ ବିଶ୍ୱାସକୁ ଦୂର କରିବା ପାଇଁ ମତ ଦେଇଥିଲେ। ତେଲକୋଇ ହୋ ସମାଜର ବ୍ଲକ ସଭାପତି ପାଙ୍ଗିଲା ମୁଣ୍ଡାଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାଇ ମହିଳା ପୁରୁଷଙ୍କ ମାଦଲ ବାଜା ସମ୍ମିଳନୀରେ ମୁଖ୍ୟ ଆକର୍ଷଣ ରହିଥିଲା। ପୂର୍ବତନ ବ୍ଲକ ଅଧକ୍ଷ ବାଗୁନ ଚମ୍ପିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିବାସୀ ସମ୍ପ୍ରଦାୟର ଦାମୋଦର ପିଣ୍ଡ ପର୍ବ

**ଆନନ୍ଦପୁର, ୩୦।୧୨(ସ୍ୱ.ପ୍ର.)**

ଆଦୀବାସୀ ସମ୍ପ୍ରଦାୟର ଲୋକମାନେ ପ୍ରତ୍ୟେକବର୍ଷ ଡିସେମ୍ବର ୩୦ତାରିଖରେ ନିଜ ପରିବାରର ମୃତ ବ୍ୟକ୍ତିଙ୍କ ପାଇଁ ଦାମୋଦର ପିଣ୍ଡ ଉତ୍ସର୍ଗୀକୃତ କରନ୍ତି। ଏହି ପରମ୍ପରା ବହୁଦିନରୁ ପ୍ରଚଳିତ ହୋଇଆସିଛି। ବୈତରଣୀ ନଦୀକୁ ଦ୍ୱିତୀୟ ଗଙ୍ଗା ଭାବେ ମନୋସ୍କାମନା କରି, ଆଦିବାସୀ ସମ୍ପ୍ରଦାୟ ଲୋକେ ନଦୀକୂଳରେ ପିଣ୍ଡ ଉତ୍ସର୍ଗ କରିଥାନ୍ତି। ଏହିପରି ଏକ ଦୃଶ୍ୟ ପରିଲକ୍ଷିତ ହୋଇଛି ଧକୋଠାର ଅମାରଙ୍ଗ ବୈତରଣୀ ଘାଟରେ। ପାଖାପାଖି ହଜାର ହଜାର ସଂଖ୍ୟାରେ ଆଦୀବାସୀମାନେ ଏକତ୍ରିତ ହୋଇ ଧକୋଠା ନିକଟବର୍ତ୍ତୀ ଅମାରଙ୍ଗ ନଦୀଘାଟରେ ଉପସ୍ଥିତ ରହିଥିଲେ। ଅସ୍ଥିକୁ ରଖି ପୂଜାର୍ଚ୍ଚନା କରିବା ପରେ ସଂପୃକ୍ତ ଅସ୍ଥିକୁ ନଦୀରେ ବିସର୍ଜନ କରାଇଥାନ୍ତି। ଏକ ଭିନ୍ନ ପ୍ରଥା ଓ ପରମ୍ପରା ଅନୁସାରେ, ସମଗ୍ର ଅମାରଙ୍ଗ ଅଞ୍ଚଳରେ ଗହଳି ଲାଗିରହିଥିବା ଦେଖିବାକୁ ମିଳିଛି। ପରେ ସାଂସ୍କୃତିକ ପରମ୍ପରା ଅନୁସାରେ ନାଚ ଗୀତକୁ ପରିବେଷଣ କରି ନିଜ ମନରେ ପୂର୍ବ ଦୁଃଖକୁ ଭୁଲିଯାଇ ଆନନ୍ଦରେ ମତୁଆଲା ହୋଇଥାନ୍ତି।


ବୈତରଣୀ ନଦୀ କୂଳରେ ଦାମୋଦର ପିଣ୍ଡ ଦିଆଯାଉଛି।

# ସାନଘାଗରାରେ ରାସ୍ତା ଜାମ୍, ପର୍ଯ୍ୟଟକ ହଇରାଣ

**କେନ୍ଦୁଝର, ୩୦।୧୨(ସ୍ୱ.ପ୍ର.)**

ସାନଘାଗରା ଜଳପ୍ରପାତ ପର୍ଯ୍ୟଟନ କେନ୍ଦ୍ରକୁ ଦୈନିକ ହଜାର ହଜାର ପର୍ଯ୍ୟଟକ ଏହି ସମୟରେ ବୁଲିବା ଓ ଭୋଜିଭାତ କରିବାକୁ ଆସୁଛନ୍ତି। ତେବେ ରାସ୍ତାଘାଟ ସମସ୍ୟା ଯୋଗୁ ସେମାନେ ନାନା ଅସୁବିଧା ଭୋଗୁଛନ୍ତି। ଏନ୍‌ଏଚ୍ ୪୯ର ସମ୍ପ୍ରସାରଣ କାମ ଚାଲିଥିବାରୁ ଯାତାୟାତରେ ବହୁ ଅସୁବିଧା ହେଉଛି। ଏନେଇ ପୂର୍ବରୁ ପ୍ରଶାସନ ସତର୍କତା ପଦକ୍ଷେପ ନେଇ ନ ଥିବାରୁ ଏବେ ପର୍ଯ୍ୟଟକ ତଥା ସାଧାରଣ ଲୋକେ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଅଟକି ରହି ଅକଥନୀୟ ଦଣ୍ଡ ଭୋଗୁଛନ୍ତି। ବିଶେଷ କରି କେନ୍ଦୁଝର ସୀମା ଜୁଡିଆ ଘାଟିରୁ ସାନଘାଗରା (ଅଞ୍ଚର) ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଲାଇନ ଟ୍ରକ, ସାଧାରଣ ଯାତାୟାତ କରୁଥିବା ଲୋକଙ୍କ ଗାଡି ଏବଂ ପର୍ଯ୍ୟଟକଙ୍କ ଗାଡି ଚଳାଚଳ କରୁଥିବାରୁ ଟ୍ରାଫିକ ଜାମ ହେଉଛି। ଭୋଜିଭାତ କରିବାକୁ ଆସୁଥିବା ପର୍ଯ୍ୟଟକମାନେ ଏହି କାରଣରୁ ପିକନିକ ସ୍ଥାନରେ ପହଞ୍ଚିବା ପାଇଁ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ସାନଘାଗରାରୁ ଏନ୍‌ଏଚ୍‌କୁ ଗାଡି ବାହାରିବାରେ ଅଧିକ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ଟ୍ରାଫିକ ନିୟନ୍ତ୍ରଣ ପାଇଁ ସଦର ଥାନା ପୋଲିସକୁ ନାକେଦମ ହେବାକୁ ପଡୁଛି। ଆଗକୁ ନୂଆ ବର୍ଷ ଥିବାରୁ ଏହାର ପ୍ରତିକାର କରା ନ ଗଲେ ପରିସ୍ଥିତି ଗୁରୁତର ହୋଇ ପଡିବ ବୋଲି ମତପ୍ରକାଶ ପାଉଛି। ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ବେଳେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ବାହାରେ ଏନ୍‌ଏଚ୍ କଡରେ ପାର୍କିଂ କରିବାକୁ ପଡୁଛି। ଶହ ଶହ ସଂଖ୍ୟାରେ ଗାଡ଼ି ରାସ୍ତା କଡରେ ପାର୍କିଂ କରୁଥିବାରୁ ସର୍ବଦା ବିପଦ ଆଶଙ୍କା ରହୁଛି। ଏନେଇ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି ଯେ, ରାସ୍ତାକାମ ଯୋଗୁ ଏଭଳି ସମସ୍ୟା ଦେଖାଦେଉଛି। ଏହି କାରଣରୁ ପର୍ଯ୍ୟଟକମାନେ ମଧ ବିଳମ୍ବରେ ପହଞ୍ଚୁଛନ୍ତି ଏବଂ ବିଳମ୍ବରେ ଭୋଜିଭାତ କରି ଫେରୁଛନ୍ତି। ସଦର ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ ନିଜେ ଟ୍ରାଫିକ ନିୟନ୍ତ୍ରଣ କରୁଥିବା ବେଳେ କହିଛନ୍ତି ଯେ, ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ପୋଲିସ ମୁତୟନ କରାଯାଇଛି।


ଏନଏଚରେ ରାସ୍ତା ଜାମ୍।